# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25 August - 2024**

**News Editor : *Tapan Kumar Moharana***

********************************

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରର ଜଲ୍‌ଗାଓଁଠାରେ ଦେଶର ୧୧ ଲକ୍ଷ ଲକ୍ଷପତି ଦିଦିଙ୍କ ସହ ଭାବବିନିମୟ କଲେ ପ୍ରଧାନମନ୍ତ୍ରୀ

— ଜାରି କଲେ ଅଢ଼େଇ ହଜାର କୋଟି ଟଙ୍କାର ପାଣ୍ଠି; ୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ସହାୟତା ପ୍ରଦାନ

- ଦେଶର ଯୁବବର୍ଗ ଉପଯୁକ୍ତ ସୁଯୋଗ ଏବଂ ମାର୍ଗଦର୍ଶନ ଖୋଜୁଛନ୍ତି ବୋଲି ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କହିଲେ, ପ୍ରଧାନମନ୍ତ୍ରୀ

- ନୂଆଖାଇ ନିମନ୍ତେ ଆସନ୍ତା ମଙ୍ଗଳବାର ହେବ ଲଗ୍ନ ନିର୍ଦ୍ଧାରଣ

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ପ୍ରଧାନମନ୍ତ୍ରୀ - ଲକ୍ଷପତି ଦିଦି

ମହିଳାମାନେ ଦେଶର ଅର୍ଥତନ୍ତ୍ରର ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଦେଶର ୧୧ ଲକ୍ଷ ଲକ୍ଷପତି ଦିଦିଙ୍କ ସହିତ ମହାରାଷ୍ଟ୍ରର ଜଲଗାଓଁରେ ଭାବ ବିନିମୟ କରିବା ଅବସରରେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଏହି ଅଭିଯାନରେ ୧୦ କୋଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇଛନ୍ତି। ଏହି ମହିଳାମାନଙ୍କୁ ଡ୍ରୋନ୍ ମାଧ୍ୟମରେ ଚାଷକାର୍ଯ୍ୟ ଶିଖାଯାଉଛି। ସେହିଭଳି ପଶୁପାଳନ ପାଇଁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। କୃଷିସଖି କାର୍ଯ୍ୟକ୍ରମରେ ଆଧୁନିକ ଶୈଳୀରେ ଚାଷ ସମ୍ବନ୍ଧିତ ପ୍ରଶିକ୍ଷଣ ଦିଆଯାଉଛି। ଏହା ମାଧ୍ୟମରେ ମହିଳାମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ ସେମାନେ ଆତ୍ମନିର୍ଭରଶୀଳ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ ଆଜି ଲକ୍ଷପତି ଦିଦିମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଛନ୍ତି । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅଢ଼େଇ ହଜାର କୋଟି ଟଙ୍କାର ପାଣ୍ଠି ଜାରି କରିଛନ୍ତି । ଏହାଦ୍ୱାରା ଦେଶରେ ୪୮ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ପ୍ରଧାନମନ୍ତ୍ରୀ ୫ ହଜାର କୋଟି ଟଙ୍କାର ବ୍ୟାଙ୍କ୍ ଋଣ ମଧ୍ୟ ଜାରି କରିଛନ୍ତି। ଏହାଦ୍ୱାରା ୨୫ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟମାନେ

ଲାଭବାନ ହେବେ। ଏହି କାର୍ଯ୍ୟକ୍ରମରେ  ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ମହିଳା ହିତାଧିକାରୀମାନେ ସାମିଲ ହୋଇଥିଲେ। ଓଡ଼ିଶାର ୯୭ ହଜାର ୨୦୦ ଲକ୍ଷପତି ଦିଦି ମଧ୍ୟ ଏହି କାର୍ଯ୍ୟକ୍ରମ ଦ୍ୱାରା ଲାଭବାନ ହୋଇଛନ୍ତି।

## ମନ୍ କୀ ବାତ୍

ଆକାଶବାଣୀର ୧୧୩ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମହାକାଶ କ୍ଷେତ୍ରରେ ସଂସ୍କାର ଦ୍ୱାରା ଦେଶର ଯୁବବର୍ଗ ଉପକୃତ ହୋଇପାରିଛନ୍ତି। ଗତ ୨୩ ତାରିଖରେ ଦେଶବାସୀ ପ୍ରଥମ ଜାତୀୟ ମହାକାଶ ଦିବସ ପାଳନ କରିଥିଲେ। ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ପରେ ଭାରତ ବିଶ୍ୱରେ ଏହି ସଫଳତା ହାସଲ କରିବାରେ ପ୍ରଥମ ରାଷ୍ଟ୍ର ଭାବେ ମାନ୍ୟତା ପାଇଛି। ମହାକାଶ ଇକୋ ସିଷ୍ଟମ ଅଧିକ ଗତିଶୀଳ ହୋଇଛି । ଦେଶର ଯୁବବର୍ଗ ବିକାଶ ପାଇଁ ଉପଯୁକ୍ତ ସୁଯୋଗ ଏବଂ ମାର୍ଗଦର୍ଶନ ଖୋଜୁଛନ୍ତି ବୋଲି ସେ ଏହି ଅବସରରେ କହିଛନ୍ତି।

'ହର୍ ଘର ତିରଙ୍ଗା' ଅଭିଯାନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଅଭିଯାନରେ ଦେଶର ବିଭିନ୍ନ ପ୍ରାନ୍ତର ଲୋକ ବହୁସଂଖ୍ୟାରେ ସାମିଲ ହୋଇ ଏହାକୁ ଏକ ସାମାଜିକ ପର୍ବରେ ପରିଣତ କରିଥିଲେ।  ଦେଶକୁ ଏକତାର ସୂତ୍ରରେ ବାନ୍ଧିବାରେ ଏହା ଏକ ପ୍ରକୃଷ୍ଟ ଉଦାହରଣ ସୃଷ୍ଟି କରିଥିଲା ।

ଜାମ୍ମୁକାଶ୍ମୀରର ରିଆସିଠାରେ ସର୍ବୋଚ୍ଚ ରେଳ ସେତୁ ଚେନ୍ନାବ ପୋଲ ଉପରେ ୭୫୦ମିଟର ଲମ୍ବ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା ।

**- V/O -**

ବର୍ଷାଜଳ ସଂରକ୍ଷଣ ଏବଂ 'ଏକ ପେଡ଼ ମା' କେ ନାମ୍' ଅଭିଯାନରେ ଅଧିକରୁ ଅଧିକ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ସେହିପରି ସୁସ୍ଥ ରହିବାକୁ ହେଲେ ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । 'ଫିଟ୍ ଇଣ୍ଡିଆ' ଅଭିଯାନ ସମ୍ପର୍କରେ ଜନସଚେତନତା ବୃଦ୍ଧି ସହ ସୁସ୍ଥ ରହିବା ଲାଗି ବୟସ ଏବଂ ଶ୍ରେଣୀ ନିର୍ବିଶେଷରେ ଦେଶବାସୀ ଯୋଗକୁ ଆପଣେଇବା ଏକ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ମାସରେ ସମଗ୍ର ଦେଶରେ ପୋଷଣ ମାସ ପାଳନ କରାଯିବ । ଶିଶୁଙ୍କ ପୋଷଣକୁ ପ୍ରାଥମିକତା ଦିଆଯାଉଛି। ପ୍ୟାରିସ୍ ଅଲିମ୍ପିକ୍ସ ଖେଳାଳିଙ୍କୁ ହାସ୍‌ଟ୍ୟାଗ୍-୪ ଜରିଆରେ ପ୍ରୋତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଆଗାମୀ ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ଓନମ, ମିଲାଦ୍-ଉନ୍-ନବୀ ଏବଂ ତେଲୁଗୁଭାଷା ଦିବସ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଲକ୍ଷପତି ଦିଦି ସମ୍ବର୍ଦ୍ଧନା

ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତୀକରଣ ତଥା ଆର୍ଥିକ ସ୍ୱାବଲମ୍ବନକୁ ନେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଲକ୍ଷପତି ଦିଦି

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆଜି **ନୟାଗଡ଼** ଜିଲ୍ଲାର ୮ଟି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମହାରାଷ୍ଟ୍ରର ଜଲ୍‌ଗାଁଓଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ସମାବେଶକୁ ଆଭାସୀ ମାଧ୍ୟମରେ ପ୍ରସାରଣ କରାଯାଇଥିଲା। ଏହି ଅବସରରେ ନୟାଗଡ଼ ଜିଲା ରଣପୁର ବ୍ଲକ ସମ୍ମିଳନୀ କକ୍ଷରେ ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟକା ସୁରମା ପାଢ଼ୀ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ସାମିଲ ହେବା ସହ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିଥିଲେ। କେନ୍ଦ୍ରୀୟ ଯୋଜନାରେ ଜୀବନ ଜୀବିକାକୁ ଅଧିକ ସ୍ୱଚ୍ଛଳ କରି ପାରିଥିବା ୧୦୦ଜଣ ଲକ୍ଷପତି ଦିଦିଙ୍କୁ ଏହି କାର୍ଯ୍ୟକ୍ରମରେ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି।

## ମନ୍ କୀ ବାତ୍ ଶୁଣିଲେ କେନ୍ଦ୍ରମନ୍ତ୍ରୀ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀଠାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି। ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ  ପୋଷଣକୁ ଗୁରୁତ୍ୱ ଦେଇଥିବାବେଳେ ଦେଶକୁ ଅପପୁଷ୍ଟି କବଳରୁ ମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## କୋର କମିଟି ବୈଠକ

ବିଜେପିର କୋର କମିଟିର ବୈଠକ ଆଜି ଅପରାହ୍ନରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆରମ୍ଭ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ  ସହ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲସିଂ ତୋମାର ଓ ସହ ପ୍ରଭାରୀ ଲତା ଉଷେଣ୍ଡି, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଓ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଅଛନ୍ତି।  ବୈଠକରେ ଆଗାମୀ ଦିନ ପାଇଁ ଦଳର ରଣନୀତି ସହ ରାଜନୈତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେଉଥିବା ଦଳୀୟ ସୂତ୍ରରୁ ଜଣାପଡିଛି।

## ନୂଆଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ନିମନ୍ତେ ଲଗ୍ନ ନିର୍ଦ୍ଧାରଣ ପାଇଁ ଆସନ୍ତା ୨୭ ତାରିଖ ମଙ୍ଗଳବାର ଦିନ ଧାର୍ଯ୍ୟ କରାଯାଇଛି। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ  କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜନ୍ମାଷ୍ଟମୀ ପରଦିନ ଅର୍ଥାତ ନନ୍ଦୋତ୍ସବ ଦିନ ପ୍ରତିବର୍ଷ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ କରାଯାଇଥାଏ। **ସମ୍ବଲପୁର** ବ୍ରହ୍ମପୁରା ମନ୍ଦିର ପରିସରରେ ବ୍ରହ୍ମ ପଣ୍ଡିତ ମହାସଭା ବସି ଲଗ୍ନ ନିର୍ଦ୍ଧାରଣ କରିଥାନ୍ତି। ବିଷ୍ଣୁ ସହସ୍ର ନାମ ପାଠ ପରେ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଗଣନା କରି ଏହି ଲଗ୍ନ ନିର୍ଦ୍ଧାରଣ ହୋଇଥାଏ। ଏହା ପରେ ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ କମିଟି ସଦସ୍ୟ ଓ ମନ୍ଦିର ପୂଜକ ମାଁ ସମଲେଶ୍ୱରୀଙ୍କଠାରେ ଲଗ୍ନପତ୍ର ପ୍ରଦାନ କରିବାର ନିୟମ ରହିଛି। ଲଗ୍ନ ଅନୁସାରେ ପ୍ରଥମେ ମାଁ ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗିହେବା ପରେ ସାରା ପଶ୍ଚିମ ଓଡିଶାବାସୀ ନବାନ୍ନ ଗ୍ରହଣ କରିଥାନ୍ତି।

## ରେଳସେକ୍ସନ ଯାଞ୍ଚ

ସମ୍ବଲପୁର ଡିଭିଜନର ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରୋଡ୍ ସେକ୍ସନର ଆଜି ବିସ୍ତୃତ ଯାଞ୍ଚ କରାଯାଇଛି । ରେଲୱେ ମ୍ୟାନେଜର ତୁଷାରକାନ୍ତ ପାଣ୍ଡେ ଅମୃତ ଷ୍ଟେସନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହିତ ବିଭିନ୍ନ ଷ୍ଟେସନରେ ଭିତ୍ତିଭୂମି ଏବଂ ଉନ୍ନୟନମୂଳକ କାର୍ଯ୍ୟ ତଥା ଯାତ୍ରୀ ସୁବିଧା ଯାଞ୍ଚ କରିଥିଲେ । ଯାଞ୍ଚ କରାଯାଇଥିବା ଷ୍ଟେସନଗୁଡ଼ିକ ମଧ୍ୟରେ ଭବାନୀପାଟଣା, ଜୁନାଗଡ଼ ରୋଡ୍ ଷ୍ଟେସନ୍ ରହିଛି । ସମ୍ବଲପୁର-ଟିଟିଲାଗଡ଼ ଓ ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରୋଡ୍ ସେକ୍ସନରେ ଝରକା ଯାଞ୍ଚ କରାଯାଇଥିଲା । ସେ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ତ କ୍ଷେତ୍ରରେ ସୁରକ୍ଷା ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ ।

## ଝାଡ଼ାବାନ୍ତି

**କୋରାପୁଟ** ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ପଡେଇପଦର ଗ୍ରାମରେ ଦୂଷିତ ପାଣି ପିଇ ୧୩ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଆକ୍ରାନ୍ତମାନେ ଜୟପୁର ଓ ବୈପାରୀଗୁଡ଼ା ସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଡାକ୍ତରୀଦଳ ଘର ଘର ବୁଲି ସ୍ୱାସ୍ଥ୍ୟ ସର୍ଭେ କରିବା ସହ ଔଷଧ ବଣ୍ଟନ କରୁଛନ୍ତି ।

## ଡିଜିଟାଲ ଫସଲ ସର୍ବେକ୍ଷଣ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶାର ସବୁ ଜିଲ୍ଲା ପାଇଁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲାରେ ଶୁଭାରମ୍ଭ ହୋଇଛି । ସଂସ୍କୃତିଭବନରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାକୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ଜିଲ୍ଲାରେ ୧୩ ଲକ୍ଷ ୨୬ ହଜାର ୨୭୭ ହେକ୍ଟର ଜମିରେ  କୃଷି ଓ ଅଣ କୃଷିଭିତ୍ତିକ ଫସଲର ଡିଜିଟାଲ ସର୍ବେକ୍ଷଣ କରାଯିବ । ଏଥିପାଇଁ ୯୦୬ ଜଣ ସର୍ବେକ୍ଷଣକାରୀଙ୍କୁ ଚୟନ କରାଯାଇ ୱେଭ ପୋର୍ଟାଲରେ ପଞ୍ଜୀକୃତ କରାଯାଇଛି ।

## ବାସ୍କେଟବଲ ଚମ୍ପିଆନସିପ୍

ରାଜ୍ୟ ବାସ୍କେଟବଲ ଆସୋସିଏସନ ଆନୁକୂଲ୍ୟରେ  କଟକ ଜବାହରଲାଲ ନେହରୁ ଇନଡୋର ଷ୍ଟାଡ଼ିୟମରେ ଚାଲିଥିବା  ରାଜ୍ୟ ଉପ-କନିଷ୍ଠ  ବାସ୍କେଟବଲ ଚମ୍ପିଆନସିପ୍‌ର ତୃତୀୟ ଦିନରେ ଆଜି ୬ଟି ମ୍ୟାଚ ଖେଳାଯାଇଥିଲା ।  ମହିଳା ବର୍ଗରେ ଦୁଇଟି ସେମିଫାଇନାଲ ମ୍ୟାଚ ଖେଳା ଯାଇଥିଲାବେଳେ କିସ୍ ୨୧-୧୯ ପଏଣ୍ଟରେ ଏଣ୍ଟରଟେନରକୁ ଏବଂ ପୁରୀ ୩୦-୧୭ ପଏଣ୍ଟରେ ସିଡିଏଏକୁ ପରାସ୍ତ କରି ଫାଇନଲକୁ ପ୍ରବେଶ କରିଛନ୍ତି ।

ସେହିପରି  ପୁରୁଷ ବର୍ଗରେ ଆଜି puri- celetics, baleswar-OSC, Bolangir - Supreme, ଏବଂ Ganjam-Sambalpur ମଧ୍ୟରେ  quater final  ମ୍ୟାଚ ଖେଳାଯାଉଛି । ଆସନ୍ତାକାଲି  ସକାଳେ

ପୁରୁଷ ବର୍ଗ ରେ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାବେଳେ ରାତିରେ ଉଭୟ ବର୍ଗର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ପାଣିପାଗ

ଦକ୍ଷିଣ ବାଂଲାଦେଶ ଓ ସଲଗ୍ନ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତିକରି ଘନୀଭୂତ ହେବ। ଆଗାମୀ ୨ ଦିନ ମଧ୍ୟରେ ଏହା ଉତ୍ତର ଓଡ଼ିଶା ଏବଂ ଝାଡଖଣ୍ଡ ଦିଗରେ ଗତି କରିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଆସନ୍ତାକାଲି ପର୍ଯ୍ୟନ୍ତ ୧୭ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ସତର୍କ ସୂଚନା ଜାରି କରାଯାଇଛି।

*********************************